# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**24 March – 2026**

## ଗଣତି ମଣତି

ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲି ମଧ୍ୟାହ୍ନ ୧୨ଟା ୯ ମିନିଟ୍‌ରୁ ପୂର୍ବାହ୍ନ ଗୋଟାଏ ୪୫ ମିନିଟ୍ ମଧ୍ୟରେ ରତ୍ନଭଣ୍ଡାର ଗଣତି ମଣତି କାର୍ଯ୍ୟ ଆରମ୍ଭ ହେବ। ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ଗଣତି ମଣତି କରାଯିବ । ଏହି ପ୍ରକ୍ରିୟାରେ ରତ୍ନ ଅଳଙ୍କାର ମେଳ କରାଯାଇ ଓଜନ କରାଯିବ, କିନ୍ତୁ ମୂଲ୍ୟାୟନ କରାଯିବ ନାହିଁ। ସମସ୍ତ ପ୍ରକ୍ରିୟାର ଭିଡ଼ିଓ ରେକର୍ଡିଂ କରାଯିବ । ଗଣତି ମଣତି କାର୍ଯ୍ୟର ତଦାରଖ ଲାଗି ସ୍ୱର୍ଣ୍ଣକାର, ରିଜର୍ଭବ୍ୟାଙ୍କ ଅଧିକାରୀ, ମାପ ବିଭାଗ ଅଧିକାରୀ ଓ ଦୁର୍ମୂଲ୍ୟ ରତ୍ନ ଚିହ୍ନଟ ପାଇଁ ୨ ଜଣ ବିଶେଷଜ୍ଞ ଉପସ୍ଥିତ ରହିବେ ।

## ଗ୍ରୀଷ୍ମ ପ୍ରବାହ

ସମ୍ଭାବ୍ୟ ଗ୍ରୀଷ୍ମପ୍ରବାହ ଓ ଅଂଶୁଘାତ ଆଶଙ୍କାକୁ ଦୃଷ୍ଟିରେ ରଖି ଆସନ୍ତାମାସ ୧ ତାରିଖରୁ ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ବିହିତ ପଦକ୍ଷେପ ଗ୍ରହଣ ନିମନ୍ତେ ରାଜ୍ୟ ସରକାର ସମସ୍ତ ରାଜସ୍ୱ କମିଶନର, ଜିଲ୍ଲାପାଳ ଓ ରାଜ୍ୟ ଶ୍ରମ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଶ୍ରମିକମାନଙ୍କୁ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କାର୍ଯ୍ୟରେ ନିୟୋଜିତ ନ କରିବା, ରୌଦ୍ରତାପରୁ ସୁରକ୍ଷା ପାଇଁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବା, ଡାକ୍ତରୀ ଚିକିତ୍ସା

ବ୍ୟବସ୍ଥା ଏବଂ ଓଆର୍‌ଏସ୍ ଯୋଗାଇଦେବା ନେଇ ନିର୍ଦ୍ଦେଶ ଦିଆଯାଇଛି । ସମସ୍ତ ଚିକିତ୍ସାଳୟରେ ପରିସ୍ଥିତିର ମୁକାବିଲା ନିମନ୍ତେ ଆବଶ୍ୟକୀୟ ବ୍ୟବସ୍ଥା କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ।

## ଖଦୀମେଳା

ରାଜ୍ୟରେ ବୁଣାକାର ଏବଂ ଗ୍ରାମଦ୍ୟୋଗ କାରିଗରମାନଙ୍କ ଆର୍ଥିକ ଉନ୍ନତି ତଥା ଖଦୀ ଉତ୍ପାଦର ବାଣିଜ୍ୟିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶା ଖଦୀମେଳା ଆରମ୍ଭ ହୋଇଛି । ଭୁବନେଶ୍ୱର ରାମ ମନ୍ଦିର ନିକଟ ଖଦୀ ଓ ଗ୍ରାମଦ୍ୟୋଗ ବୋର୍ଡ କାର୍ଯ୍ୟାଳୟରେ ଖଦୀମେଳାକୁ ବିଧାୟକ ବାବୁ ସିଂ ଗତ ସନ୍ଧ୍ୟାରେ ଉଦ୍‌ଘାଟନ କରିଛନ୍ତି । ଚଳିତମାସ ୨୯ ତାରିଖ ପର୍ଯ୍ୟନ୍ତ ଅପରାହ୍ନ ୩ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ୭୫ଟି ଷ୍ଟଲ୍‌ରେ ଓଡ଼ିଶା ସହ ତେଲଙ୍ଗାନା, ପଶ୍ଚିମବଙ୍ଗ, ଛତିଶଗଡ଼, ମଧ୍ୟପ୍ରଦେଶ, ବିହାର ଓ ଆନ୍ଧ୍ରପ୍ରଦେଶର ବୁଣାକାରମାନେ ବିଭିନ୍ନ ଖଦୀବସ୍ତ୍ରର ପ୍ରଦର୍ଶନ ଓ ବିକ୍ରୀ କରିବେ ।

## ସଡ଼କ ସୁରକ୍ଷା– ସ୍ୱତନ୍ତ୍ର ଅଭିଯାନ

ସଡକ ସୁରକ୍ଷା ନେଇ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଅଭିଯାନରେ ଗତ ୨ ଦିନରେ ୭ ହଜାର ୮୬୮ ଜଣଙ୍କ ବିରୁଦ୍ଧରେ ଚାଲାଣ ଜାରି କରାଯାଇଛି । ଚାଳକ ଲାଇସେନ୍ସ ନଥିବା ଯୋଗୁଁ ୩ ହଜାର ୧୫୩ଟି ଚାଲାଣ ଜାରି କରାଯାଇଥିବା ବେଳେ ହେଲ୍‌ମେଟ୍ ନଥିବା ଯୋଗୁଁ ୩ ହଜାର ୧୫୭ ଏବଂ ଦ୍ରୁତଗତି ପାଇଁ ୧ ହଜାର ୫୫୮ ଜଣଙ୍କ

ବିରୁଦ୍ଧରେ ଚାଲାଣ ଜାରି କରାଯାଇଛି । ନିର୍ଦ୍ଧାରିତ କ୍ଷମତାଠାରୁ ଅଧିକ ଭାର ଏବଂ ଯାତ୍ରୀ ପରିବହନ ଓ ଟ୍ରାଫିକ୍ ନିୟମ ଉଲ୍ଲଂଘନ ବିରୁଦ୍ଧରେ ମଧ୍ୟ ଚାଲାଣ ଜାରି କରାଯାଇଛି ।

## ଆଇନଜୀବୀ କଲ୍ୟାଣ ପାଣ୍ଠି

ଆଇନଜୀବୀଙ୍କ କଲ୍ୟାଣ ପାଇଁ ଗଠିତ ରାଜ୍ୟ ଆଇନଜୀବୀ କଲ୍ୟାଣ ପାଣ୍ଠିକୁ ରାଜ୍ୟ ସରକାର ୧୦ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ୨୦୨୫-୨୬ ଆର୍ଥିକବର୍ଷ ପାଇଁ ଏହି ସହାୟତା ପ୍ରଦାନ କରାଯାଇଥିବା ଆଡ୍‌ଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ ସୂଚନା ଦେଇଛନ୍ତି । ପୂର୍ବରୁ ୨୦୨୪-୨୫ ଆର୍ଥିକ ବର୍ଷ ନିମନ୍ତେ ରାଜ୍ୟ ସରକାର ସମାନ ପରିମାଣର ଅର୍ଥରାଶି ପ୍ରଦାନ କରିଥିଲେ ।

## ଶିଶୁ ସୁରକ୍ଷା

ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ସଦସ୍ୟ ସୁଜାତା ନାୟକ ମାଲକାନଗିରି ଜିଲ୍ଲା ଗସ୍ତ କରି ଶିଶୁ ସୁରକ୍ଷା ସମ୍ବନ୍ଧୀୟ ସମୀକ୍ଷା କରିଛନ୍ତି । ଜିଲ୍ଲାକୁ ସଂପୂର୍ଣ୍ଣ ରୂପେ ବାଲ୍ୟବିବାହମୁକ୍ତ କରିବା ସହ ଶିଶୁ ଚାଲାଣ, ସ୍କୁଲ୍ ଡ୍ରପ୍‌ଆଉଟ୍ ଏବଂ ଅତ୍ୟାଚାର ରୋକିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ଶିଶୁମାନଙ୍କ କ୍ଷେତ୍ରରେ ଅପପୁଷ୍ଟି ଦୂର କରିବା ଏବଂ ଦାଦନ ଶ୍ରମିକଙ୍କ ପିଲାମାନଙ୍କୁ ସୁରକ୍ଷା ତଥା ମିଶନ ବାତ୍ସଲ୍ୟ ଯୋଜନାରେ ଅନାଥ ଶିଶୁଙ୍କ କଲ୍ୟାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସେ ପରାମର୍ଶ ଦେଇଛନ୍ତି ।

# ବିଶ୍ୱ ଯକ୍ଷ୍ମା ଦିବସ

ଯକ୍ଷ୍ମାରୋଗର ପ୍ରଭାବ ବିଷୟରେ ଲୋକଙ୍କୁ ସଚେତନ କରାଇବା ଏବଂ ଏହାର ସାମାଜିକ ଓ ଅର୍ଥନୈତିକ ପରିଣାମ ବିଷୟରେ ସଚେତନତା ସୃଷ୍ଟି କରିବା ସହ ଏହାର ମୁକାବିଲା ପାଇଁ ପ୍ରୟାସକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଆଜି ବିଶ୍ୱ ଯକ୍ଷ୍ମାଦିବସ ପାଳନ କରାଯାଉଛି । ଡକ୍ଟର ରବର୍ଟ କୋଚ୍‌ଙ୍କ ଦ୍ୱାରା ୧୮୮୨ ମସିହାରେ ଯକ୍ଷ୍ମା ଭୂତାଣୁ ଆବିଷ୍କାରର ଆଜି ବାର୍ଷିକୀ ପାଳନ କରାଯାଉଛି । ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ଜନ ସହଯୋଗ ଓ ଦେଶ ନେତୃତ୍ୱରେ ଆମେ ଯକ୍ଷ୍ମାକୁ ଶେଷ କରିପାରିବା' ।

ରାଜ୍ୟରେ ନିକ୍ଷୟ ପୋଷଣ ଯୋଜନାରେ ଯକ୍ଷ୍ମା ରୋଗୀମାନଙ୍କୁ ପୁଷ୍ଟିକର ଆହାର ନିମନ୍ତେ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି । ହସ୍ପିଟାଲଗୁଡ଼ିକରେ ଟ୍ରୁନାଟ୍ ମେସିନ୍‌ରେ ଯକ୍ଷ୍ମା ପରୀକ୍ଷା କରାଯାଇ ସଂକ୍ରମିତଙ୍କୁ ମାଗଣା ଔଷଧ ଦିଆଯାଉଛି । ଦୁଇ ସପ୍ତାହରୁ ଅଧିକ ସମୟ ଧରି କାଶ ହେଲେ ତୁରନ୍ତ ପରୀକ୍ଷା କରାଇନେବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ବିଭିନ୍ନ ଘରୋଇ ସଂସ୍ଥା ସହଯୋଗରେ ଯକ୍ଷ୍ମା ଚିହ୍ନଟ, ଚିକିତ୍ସା ଓ ପ୍ରତିଷେଧକ ସହିତ ସଚେତନତାକୁ ସର୍ବାଧିକ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛି ।

## ସୁବର୍ଣ୍ଣ ଜୟନ୍ତୀ

ଭଦ୍ରକ ଜିଲ୍ଲା ଶହୀଦ ସ୍ମୃତି ଭବନ ଟାଉନହଲ୍‌ଠାରେ ସାହିତ୍ୟ ପରିଷଦର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପିତ ହୋଇଯାଇଛି । ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ସମେତ ବହୁ ବିଶିଷ୍ଟ ସାହିତ୍ୟିକ ସମାରୋହରେ ଯୋଗଦେଇ ସାହିତ୍ୟ ସମାଜରେ ଘଟୁଥିବା ନିଛକ ଘଟଣାର ପ୍ରତିଫଳନ ବୋଲି ମତବ୍ୟକ୍ତ କରିଥିଲେ । ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ସମାରୋହରେ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଭିତ୍ତିପ୍ରସ୍ତର ସ୍ଥାପନ

ଗଞ୍ଜାମଜିଲ୍ଲାର ପୋଲସରା ବ୍ଲକରେ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଜଳସେବା ଶିବିର ଓ ଭିଡ଼ିଓ ସମ୍ମିଳନୀ ହଲ୍‌ର ଉଦ୍‌ଘାଟନ ସହ ବିକଶିତ ଗାଁ ବିକଶତ ଓଡ଼ିଶା ଅନ୍ତର୍ଗତ ୨୬ଟି ପଞ୍ଚାୟତରେ ୧୩୪ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଅବସରରେ ପଞ୍ଚାୟତ ସ୍ତରରେ ବିକାଶ କାର୍ଯ୍ୟକୁ ରାଜ୍ୟ ସରକାର ଅଗ୍ରାଧିକାର ଦେଉଥିବା ମନ୍ତ୍ରୀଶ୍ରୀ ମଲ୍ଲିକ କହିଛନ୍ତି ।

## ଯାତ୍ରା

ନବରଙ୍ଗପୁର ଜିଲ୍ଲା ଉମରକୋଟର ପ୍ରସିଦ୍ଧ ମା’ ଜଗତଜନନୀ ଠାକୁରାଣୀଙ୍କ ନବଦିନାତ୍ମକ ଯାତ୍ରା ଆରମ୍ଭ ହୋଇଛି । ଗତରାତିରେ

ପ୍ରଥମଦିନ ମା'ଙ୍କ ଘଣ୍ଟ କଳସ ମଙ୍ଗଳା ମନ୍ଦିରରୁ ଜଗନ୍ନାଥ ମନ୍ଦିରକୁ ନିଆଯାଇଥିଲା ।ସେହିପରି ଜିଲ୍ଲାର ଡାବୁଗାଁଠାରେ ମା' ଠାକୁରାଣୀଙ୍କ ଘଟଯାତ୍ରା ଆରମ୍ଭ ହୋଇଛି । ଆଜିଠାରୁ ୯ ଦିନ ପର୍ଯ୍ୟନ୍ତ ମା'ଠାକୁରାଣୀ କଳସ ମଣ୍ଡପଠାରେ ପୂଜା ପାଇବେ ।

# ପାଣିପାଗ

ରାଜ୍ୟର ବିଭିନ୍ନ ଅଞ୍ଚଳରେ ତାପମାତ୍ରା ବୃଦ୍ଧି ପାଉଛି । ଗତକାଲି ୧୧ଟି ସ୍ଥାନରେ ଦିନ ତାପମାତ୍ରା ୩୫ ଡିଗ୍ରୀ ସେଲ୍‌ସିୟସ ଉପରେ ରହିଥିବା ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି । ପାରଳାଖେମୁଣ୍ଡିଠାରେ ସର୍ବାଧିକ ତାପମାତ୍ରା ୩୬ ଦଶମିକ ୬ ଡିଗ୍ରୀ ରେକର୍ଡ କରାଯାଇଛି । ଆସନ୍ତା୨୪ ଘଣ୍ଟା ମଧ୍ୟରେ କୋରାପୁଟ ଓ ମାଲକାନଗିରିର କିଛି ଅଞ୍ଚଳରେ ବିଜୁଳି ଘଡ଼ଘଡ଼ି ସହିତ ବର୍ଷା ସମ୍ଭାବନା ରହିଥିବା ବିଭାଗ ସୂଚନା ଦେଇଛି ।